# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 26th April - 2025

**************************************

*Desk*

## ନିଯୁକ୍ତିପତ୍ର ବଣ୍ଟନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପୂର୍ବାହ୍ନ ୧୧ଟାରେ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ କେନ୍ଦ୍ର ସରକାରଙ୍କର ବିଭିନ୍ନ ବିଭାଗ ଓ ପ୍ରତିଷ୍ଠାନରେ ନିଯୁକ୍ତି ପାଇଥିବା ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ । ଦେଶର ୪୭ଟି ସ୍ଥାନରେ ନିଯୁକ୍ତିମେଳାର ଆୟୋଜନ କରାଯାଇଛି । ସୂଚନା ଅନୁସାରେ, ଏହା ହେଉଛି ୧୫ତମ ନିଯୁକ୍ତିମେଳା । ନିଯୁକ୍ତିମେଳା ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ଜାତୀୟ ବିକାଶରେ ପ୍ରଭାବଶାଳୀ ଢଙ୍ଗରେ ଯୋଗଦାନପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

*Desk*

## ପୋପ୍ - ଶେଷକୃତ୍ୟ

ପୋପ୍ ଫ୍ରାନ୍‌ସିସ୍‌ଙ୍କର ଶେଷକୃତ୍ୟ ଆଜି ସମ୍ପାଦନ ହେବ । ତାଙ୍କର ପାର୍ଥିବ ଶରୀରକୁ ଭାଟିକାନ୍ ସିଟିର ସେଣ୍ଟ ମେରି ମେକର୍ କବର ସ୍ଥଳକୁ ଏକ

ଶୋଭାଯାତ୍ରାରେ ନିଆଯିବ । ସେଠାରେ କଲେଜ ଅଫ୍ କାର୍ଡ଼ିନାଲ୍ସ ପକ୍ଷରୁ ଶେଷ ପ୍ରାର୍ଥନା ଏବଂ ଆନୁଷ୍ଠାନିକ ଭାବେ ତାଙ୍କର ପାର୍ଥିବ ଶରୀରକୁ ଭଗବାନ୍‌ଙ୍କୁ ଅର୍ପଣ କରାଯାଇ କବର ଦିଆଯିବ । ଆଜିର କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ରାଷ୍ଟ୍ରମୁଖ୍ୟ ଏବଂ ପ୍ରତିନିଧିମାନେ ଯୋଗଦେବାପାଇଁ ଭାଟିକାନ୍ ସିଟିରେ ପହଞ୍ଚିଛନ୍ତି ।

ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଗତକାଲି ଭାଟିକାନ୍ ସିଟିରେ ପହଞ୍ଚିଥିଲେ । ପରେ ସେ ପୋପ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚର ୨୬୬ତମ ପୋପ୍ ଫ୍ରାନ୍‌ସିସ୍‌ଙ୍କ ଗତ ୨୧ ତାରିଖ ଦିନ ୮୮ ବର୍ଷ ବୟସରେ ଭାଟିକାନ୍ ସିଟିରେ ପରଲୋକ ଘଟିଥିଲା ।

***IPR***

# ରବି ଧାନକିଣା

ରାଜ୍ୟସ୍ତରୀୟ ଧାନସଂଗ୍ରହ କମିଟି ବୈଠକରେ ଆସନ୍ତା ମଇ ମାସ ୧ ତାରିଖ ଗୁରୁବାରଠାରୁ ୨୦ଟି ଜିଲ୍ଲାରେ ରବି ଧାନ ସଂଗ୍ରହ ଆରମ୍ଭ ହେବ । ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ଧାନସଂଗ୍ରହ ପ୍ରକ୍ରିୟା ଜାରି ରହିବ । ଚଳିତ ଋତୁରେ ସରକାର ୧୪ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱରରେ ହୋଇଥିବା ବୈଠକରୁ ଜଣାପଡ଼ିଛି । ଧାନ ବିକିବାପାଇଁ ପ୍ରାୟ ୩ ଲକ୍ଷ ୩୭ ହଜାର

ଚାଷୀ ପଞ୍ଜୀକରଣ କରିଛନ୍ତି । ୨୦ଟି ଜିଲ୍ଲାର ୯୬୫ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୨୦୦ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ  ଧାନ କିଣାଯିବ ।

***Desk***

# ଇସ୍ପାତ ନିବେଶକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ମୁମ୍ବାଇରେ ଇଣ୍ଡିଆ ଷ୍ଟିଲ୍-୨୦୨୫ ସମ୍ମିଳନୀର ଓଡ଼ିଶା ରାଉଣ୍ଡ ଟେବୁଲ୍ ଅଧିବେଶନକୁ ସମ୍ବୋଧିତ କରି କହିଛନ୍ତି, ଇସ୍ପାତ ହେଉଛି ଓଡ଼ିଶାର ପ୍ରମୁଖ ଶିଳ୍ପ । ଇସ୍ପାତ କ୍ଷେତ୍ରରେ ପୁଞ୍ଜିନିବେଶ କରି ଓଡ଼ିଶା ଗଠନରେ ସହଯୋଗୀ ହେବାପାଇଁ ନିବେଶକମାନଙ୍କୁ ଆହ୍ୱାନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଶିଳ୍ପ ଜଗତର ଆବଶ୍ୟକତା ପୂରଣ ଲାଗି ସରକାର ଏକ ଉଚ୍ଚ କ୍ଷମତାସମ୍ପନ୍ନ ଟାସ୍କଫୋର୍ସ ଗଠନ କରିଛନ୍ତି । କଞ୍ଚାମାଲଠାରୁ ଆରମ୍ଭ କରି ଜମି, ସଡ଼କ ଓ ରେଳପଥ ସଂଯୋଗ ତଥା ଜଳ ଓ ବିଦ୍ୟୁତ୍ ଯୋଗାଣ ପର୍ଯ୍ୟନ୍ତ ଶିଳ୍ପସଂସ୍ଥାଗୁଡ଼ିକର ସମସ୍ତ ଆବଶ୍ୟକତାକୁ ସରକାର ପୂରଣ କରିବେ ।

***Desk***

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ମନୁଷ୍ୟର ଜୀବନଧାରଣରେ ପ୍ରାଣୀ ସମ୍ପଦର ଗୁରୁତ୍ୱ ନେଇ ପୃଥିବୀରେ ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଉଛି । ୨୦୦୧ ମସିହାରୁ

ପ୍ରତିବର୍ଷ ଆଜିର ଦିନରେ ପ୍ରାଣୀମାନଙ୍କୁ ସହାନୁଭୂତି ମୂଳକ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଚଳିତ ବର୍ଷର ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ବାର୍ତ୍ତା ରହିଛି ପ୍ରାଣୀମାନଙ୍କ ସ୍ୱାସ୍ଥ୍ୟପାଇଁ ଏକ ସଙ୍ଗଠିତ ପଦକ୍ଷେପର ଆବଶ୍ୟକତା ।

*Desk*

# ବୌଦ୍ଧିକ ସମ୍ପତ୍ତି ଦିବସ

ଆଜି ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ । ବିଶ୍ୱ ବୌଦ୍ଧିକ ସମ୍ପତ୍ତି ସଂଗଠନର ପ୍ରସ୍ତାବ କ୍ରମେ ୨୦୦୦ ମସିହା ଠାରୁ ପ୍ରତିବର୍ଷ ଆଜିର ଦିନରେ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ ପାଳନ କରାଯାଉଛି । କପି ରାଇଟ୍, ଟ୍ରେଡ୍‌ମାର୍କ, ଡିଜାଇନ୍, ପେଟେଣ୍ଟ୍ ଭଳି ବୌଦ୍ଧିକ ସମ୍ପତ୍ତି ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଏହା ସହିତ ଏହି ସମ୍ପତ୍ତି ଗୁଡ଼ିକର ଦୁରୁପଯୋଗ ନେଇ ବିଭିନ୍ନ ଆଇନ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ଏହି ଦିବସ ପାଳନର ଅନ୍ୟ ଏକ ମୂଳ ଲକ୍ଷ୍ୟ । ଏହା ସହିତ ନୂତନ ଉଦ୍ଭାବନ, ନୂତନ ବିଚାର ଆଦିକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ଏହି ଦିବସ ପାଳନ ସହାୟକ ହୋଇଥାଏ ।

*Desk*

## ଗଜପତି ମହାରାଜାଙ୍କ ଜୟନ୍ତୀ

ନୂତନ ଓଡ଼ିଶା ଗଠନର ଅନ୍ୟତମ କର୍ଣ୍ଣଧାର ଏବଂ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାରାଜଙ୍କର ଆଜି ୧୩୪ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ଏହି ଉପଲକ୍ଷେ ରାଜାଙ୍କର ପୈତୃକ ସ୍ଥାନ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି, ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ଭୁବନେଶ୍ୱରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ପାରଳାଖେମୁଣ୍ଡି ସହରର ବଜାର ଛକ, ଗାନ୍ଧି ଛକ ଏବଂ ସମାଧିପୀଠରେ ମହାରାଜାଙ୍କର ପ୍ରତିମୂର୍ତ୍ତିରେ ଆଜି ସକାଳୁ ସାଧାରଣ ଜନତା ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ କାର୍ଯ୍ୟକ୍ରମରେ ସନ୍ଧ୍ୟା ୬ଟାରେ ଜୟଦେବ ଭବନରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କୁହାଯାଇଛି ।

*Khurda/R*

## କ୍ରିକେଟ୍

ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ୍ ପକ୍ଷରୁ ରେଳୱେ ଷ୍ଟାଡିୟମ୍‌ଠାରେ ଆନ୍ତଃ ବିଭାଗୀୟ ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟକୁ ଖୋର୍ଦ୍ଧା ରୋଡ୍ ରେଳ ପ୍ରବନ୍ଧକ ଏଚ୍. ଏସ୍. ବଜୱା ଗତକାଲି ଉଦ୍‌ଘାଟନ କରିଛନ୍ତି ।

ପ୍ରତିଯୋଗିତାରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ୧୩ଟି ବିଭାଗର ରେଳ କର୍ମଚାରୀ ଭାଗ ନେଉଛନ୍ତି । ପ୍ରଥମ ଥରପାଇଁ ଖୋର୍ଦ୍ଧା ରେଳବାଇ ଷ୍ଟାଡିୟମ୍‌ରେ କ୍ରିକେଟ୍ ମ୍ୟାଚ୍ ଟର୍ଫ ପିଚ୍ ଉପରେ ଖେଳାଯାଉଛି ।

***Desk***

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରକୋପ ଆସନ୍ତାକାଲି ପର୍ଯ୍ୟନ୍ତ ଜାରି ରହିବ ଏବଂ ସୋମବାରଠାରୁ ପାଗରେ ସାମାନ୍ୟ ପରିବର୍ତ୍ତନର ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, ନୟାଗଡ଼ ଓ ନୂଆପଡ଼ା ଜିଲ୍ଲାରେ କାଳବୈଶାଖୀର ପ୍ରଭାବରେ ଆଜି ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି । ସୂଚନା ଅନୁସାରେ, ଗତକାଲି ରାଜ୍ୟର ୭ଟି ପ୍ରମୁଖ ସହରରେ ତାପମାତ୍ରା ୪୩ ଡିଗ୍ରୀରୁ ଅଧିକ ଥିଲା। ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୪୪ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା ।

*****